# NATIONAL NEWS BULLETIN (ODIA)

**1 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଓ.ସି.ଆଇ କାର୍ଡଧାରୀ ଏବଂ ନାଗରିକତା ଆବେଦନ ସଂଶୋଧନ ବ୍ୟବସ୍ଥା ପ୍ରବର୍ତ୍ତନ କଲେ କେନ୍ଦ୍ର ସରକାର

- ଲେହର ଜୀବଷ୍ଟଲଠାରେ ତଥାଗତ ବୁଦ୍ଧଙ୍କ ପବିତ୍ର ଅବଶେଷ ପ୍ରଦର୍ଶନୀ ଉଦ୍‌ଘାଟନ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ

- ରାଜ୍ୟର ୬୭ତମ ପ୍ରତିଷ୍ଠା ଦିବସ ଅବସରରେ ମହାରାଷ୍ଟ୍ରବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

- ଚଳିତ ଆର୍ଥିକ ବର୍ଷର ଏପ୍ରିଲ ମାସରେ ରେକର୍ଡ ପରିମାଣର ୨ ଲକ୍ଷ ୪୨ ହଜାର କୋଟି ଟଙ୍କା ଜିଏସ୍‌ଟି ରାଜସ୍ୱ ସଂଗ୍ରହ

ଏବଂ

- ଆଇପିଏଲ୍ କ୍ରିକେଟରେ ଆଜି ରାଜସ୍ଥାନ ରୟାଲ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଅନୁଷ୍ଠିତ ହେବ ମ୍ୟାଚ୍

## ଏମ୍‌ଏଚ୍‌ଏ-ସିଟିଜେନସିପ୍

କେନ୍ଦ୍ର ସରକାର ନାଗରିକତା ସଂଶୋଧନ ନିୟମ-୨୦୨୬କୁ ଅଧିସୂଚିତ କରିଛନ୍ତି। ଏଥିରେ ଓଭରସିଜ୍ ସିଟିଜେନ୍ ଅଫ୍ ଇଣ୍ଡିଆ–ଓ.ସି.ଆଇ. କାର୍ଡଧାରୀ ଏବଂ ନାଗରିକତା ଆବେଦନ ସମ୍ବନ୍ଧୀୟ ସଂଶୋଧନ ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଛି। ଗୃହ ମନ୍ତ୍ରଣାଳୟ ନାଗରିକତ୍ୱ ନିୟମ-୨୦୦୯ରେ ପରିବର୍ତ୍ତନ ଆଣି ଏକ ଗେଜେଟ୍ ବିଜ୍ଞପ୍ତି ମାଧ୍ୟମରେ ଏହି ସଂଶୋଧନକୁ ଅଧିସୂଚିତ କରିଛି। ମନ୍ତ୍ରଣାଳୟ କହିଛନ୍ତି, ଜଣେ ନାବାଳକ ଶିଶୁ କୌଣସି ସମୟରେ ଅନ୍ୟ କୌଣସି ଦେଶର ପାସପୋର୍ଟ କି ଭାରତୀୟ ପାସପୋର୍ଟ ରଖିପାରିବ ନାହିଁ। ବିଜ୍ଞପ୍ତି ଅନୁଯାୟୀ, ଓ.ସି.ଆଇ କାର୍ଡ ପଞ୍ଜୀକରଣ ଏବଂ ପରିତ୍ୟାଗ ପାଇଁ ସମସ୍ତ ଆବେଦନ ଏବେ ଅଫିସିଆଲ ପୋର୍ଟାଲ ମାଧ୍ୟମରେ ଦାଖଲ କରାଯିବ। ଓ.ସି.ଆଇ କାର୍ଡଧାରୀମାନେ ପଞ୍ଜୀକରଣ ପାଇଁ ଆବେଦନଗୁଡ଼ିକ ଅନଲାଇନ୍ ପୋର୍ଟାଲରେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିପାରିବେ।

ଓ.ସି.ଆଇ. ମାନ୍ୟତା ପରିତ୍ୟାଗ ଘୋଷଣା ହେବା ପରେ ସମ୍ପୃକ୍ତ ବ୍ୟକ୍ତିମାନେ ମୂଳ କାର୍ଡକୁ ନିକଟତମ ଭାରତୀୟ ମିଶନ, ଡାକ କିମ୍ବା ବିଦେଶୀ ଆଞ୍ଚଳିକ ପଞ୍ଜୀକରଣ ଅଧିକାରୀଙ୍କୁ ହସ୍ତାନ୍ତର କରିବା ଆବଶ୍ୟକ।

ପଞ୍ଜୀକରଣ ସମୟରେ ଓ.ସି.ଆଇ ଆବଦେନକାରୀ ନିଜର ବାୟୋମେଟ୍ରିକ ସୂଚନା ସଂଗ୍ରହ କରିବାକୁ ସମ୍ମତି ପ୍ରକାଶ କରି ଫାଷ୍ଟ ଟ୍ରାକ

ଇମିଗ୍ରେସନ୍ ପ୍ରୋଗ୍ରାମକୁ ବାଛିବା ପାଇଁ ଏକ ନୂତନ ସମ୍ମତି ଫର୍ମରେ ଦସ୍ତଖତ କରିବାକୁ ପଡ଼ିବ। ସରକାର ଆବେଦନକାରୀଙ୍କ ପାଇଁ ଡୁପ୍ଲିକେଟ୍ ଡକ୍ୟୁମେଣ୍ଟ ଦାଖଲ କରିବାର ପୂର୍ବ ଆବଶ୍ୟକତାକୁ ମଧ୍ୟ ଉଠାଇ ଦେଇଛନ୍ତି।

## ଡବ୍ଲ୍ୟୁବି ସିଇଓ– ମମତା

ଭୋଟ୍ ଗଣନା କେନ୍ଦ୍ରରେ ହେରଫେର ହୋଇଥିବା ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅଭିଯୋଗକୁ ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀ ମନୋଜ ଅଗ୍ରୱାଲ ଭିତ୍ତିହୀନ ବୋଲି କହିଛନ୍ତି। ଆକାଶବାଣୀକୁ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ଶ୍ରୀ ଅଗ୍ରୱାଲ କହିଛନ୍ତି, ସମସ୍ତ ଗଣନା କେନ୍ଦ୍ରରେ ପର୍ଯ୍ୟାପ୍ତ ସିସିଟିଭି ବ୍ୟବସ୍ଥା କରାଯାଇଛି। କଡ଼ା ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଗଣନା କେନ୍ଦ୍ରରେ ଯଥେଷ୍ଟ ସଂଖ୍ୟକ କେନ୍ଦ୍ରୀୟ ବାହିନୀ ନିୟୋଜିତ ଅଛନ୍ତି। ସେ କହିଛନ୍ତି, ଯେକୌଣସି ଅଭିଯୋଗ ନିର୍ଦ୍ଦିଷ୍ଟ ଚ୍ୟାନେଲ ମାଧ୍ୟମରେ ରିପୋର୍ଟ କରାଯାଇପାରିବ। ନିର୍ବାଚନ ପରବର୍ତ୍ତୀ ହିଂସାର ମୁକାବିଲା ପାଇଁ ଆୟୋଗ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେଉଛନ୍ତି। କେତେକ ସ୍ଥାନରେ ଘଟିଥିବା ହିଂସାକାଣ୍ଡରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ସେ ଆଶ୍ୱାସନା ଦେଇଛନ୍ତି।

## ଲେବର ଡେ– ମାଣ୍ଡବୀୟ

ବିଶ୍ୱ ଶ୍ରମ ଦିବସ ଅବସରରେ ଆଜି କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ମନସୁଖ ମାଣ୍ଡବୀୟ ଦେଶର ଶ୍ରମିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମାଣ୍ଡବୀୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ଶ୍ରମିକଙ୍କ ସମ୍ମାନ, ସୁରକ୍ଷା, ଅଧିକାର ଏବଂ ସାମାଜିକ କଲ୍ୟାଣକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ଶ୍ରମ ସଂସ୍କାର, ସାମାଜିକ ସୁରକ୍ଷା ଯୋଜନା ଏବଂ ନୂତନ ଶ୍ରମ ସଂହିତା ଉପରେ ଆଲୋକପାତ କରି ଶ୍ରୀ ମାଣ୍ଡବୀୟ କହିଛନ୍ତି, ଶ୍ରମିକମାନଙ୍କ ଜୀବନକୁ ଅଧିକ ସୁରକ୍ଷିତ, ମର୍ଯ୍ୟାଦାଜନକ ଏବଂ ସଶକ୍ତ କରିବା ପାଇଁ ସରକାର ନିରନ୍ତର ପ୍ରୟାସ କରୁଛନ୍ତି।

## ରିଲିକ୍ସ ସାହା ଲେହ

ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଲେହର ଜୀବଶ୍ଚଲଠାରେ ତଥାଗତ ବୁଦ୍ଧଙ୍କ ପବିତ୍ର ଅବଶେଷ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଲଦାଖର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇ ଶ୍ରୀ ଶାହା କହିଛନ୍ତି, ୭୫ ବର୍ଷ ପରେ ବୁଦ୍ଧଙ୍କ ପବିତ୍ର ଅବଶେଷ ଲଦାଖକୁ ଆସିଛି। ଭଗବାନ ବୁଦ୍ଧଙ୍କ ଜ୍ଞାନ ତାଙ୍କ ଦେହାବସନାର ୨ ହଜାର ୫୦୦ ବର୍ଷ ପରେ ମଧ୍ୟ ପ୍ରାସଙ୍ଗିକ ହୋଇ ରହିଛି। ଶ୍ରୀ ଶାହା କହିଥିଲେ, ଏହା କେବଳ ଏକ ଧାର୍ମିକ କାର୍ଯ୍ୟକ୍ରମ ନୁହେଁ ବରଂ ଐତିହାସିକ ପୁର୍ନମିଳନ।

**V/O–**

କେବଳ ଲଦାଖ ଏବଂ କାର୍ଗିଲରୁ ଆସିଥିବା ଭଗବାନ ବୁଦ୍ଧଙ୍କ ଅନୁଗାମୀମାନେ ନୁହେଁ ବରଂ ଅନ୍ୟ ଧର୍ମର ଶ୍ରଦ୍ଧାଳୁମାନେ ମଧ୍ୟ ଭଗବାନ ବୁଦ୍ଧ ପବିତ୍ର ଅବଶେଷରୁ ଶକ୍ତି ଲାଭ କରିବେ ବୋଲି ଶ୍ରୀ ଶାହା ବିଶ୍ୱାସ ବ୍ୟକ୍ତ କରିଥିଲେ।

**V/O**

କାର୍ଯ୍ୟକ୍ରମରେ ଲଦାଖର ଉପରାଜ୍ୟପାଳ ବିନୋଦ କୁମାର ସକସେନା, ସାଂସଦ ମହମ୍ମଦ ହନିଫା ଏବଂ ବିଭିନ୍ନ ରାଜ୍ୟର ସାଧୁସନ୍ଥମାନେ ଉପସ୍ଥିତ ଥିଲେ। ପ୍ରଥମଥର ପାଇଁ ଏହି ପବିତ୍ର ଅବିଶେଷକୁ ଦେଶ ଭିତରେ ଏକ ପ୍ରଦର୍ଶନୀ ପାଇଁ ସ୍ଥାୟୀ ସ୍ଥାନରୁ ବାହାର କରାଯାଇଛି। ଆଜିଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଲଦାଖରେ ତଥାଗତ ବୁଦ୍ଧଙ୍କ ପବିତ୍ର ଅବଶେଷର ପ୍ରଦର୍ଶନୀ ଆୟୋଜନ କରାଯାଇଛି।

## ମହାରାଷ୍ଟ୍ର ଡେ'

ସମଗ୍ର ମହାରାଷ୍ଟ୍ରରେ ଆଜି ୬୭ତମ ମହାରାଷ୍ଟ୍ର ପ୍ରତିଷ୍ଠା ଦିବସ ଉତ୍ସାହର ସହ ପାଳନ କରାଯାଉଛି। ଏହି ଅବସରରେ ରାଜ୍ୟପାଳ ଜିଷ୍ଣୁ ଦେବ ବର୍ମା ମୁମ୍ବାଇର ଲୋକଭବନରେ ଜାତୀୟ ଗୀତ, ଜାତୀୟ ସଂଗୀତ ଏବଂ ରାଜ୍ୟ ଗୀତ ଗାନ ମଧ୍ୟରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ୍ ତାଙ୍କ ସରକାରୀ ବାସଭବନ 'ବର୍ଷା'ରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ହୁତାତ୍ମା ସ୍ମାରକରେ ସଂଯୁକ୍ତ ମହାରାଷ୍ଟ୍ର ଆନ୍ଦୋଳନର ସହିଦମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗଣମାଧ୍ୟମ ସହ ଆଲୋଚନା ବେଳେ ଶ୍ରୀ ଫଡ଼ନାବିସ୍ ମହାରାଷ୍ଟ୍ରକୁ ଭାରତର ପାୱାର ହାଉସ୍ ଏବଂ ଅଭିବୃଦ୍ଧି ଇଞ୍ଜିନ ଭାବରେ ବର୍ଣ୍ଣନା କରି ପ୍ରଶଂସା କରିଥିଲେ। ମରାଠି ଭାଷା ବିବାଦ ଉପରେ ମନ୍ତବ୍ୟ ଦେଇ ସେ ଦୋହରାଇଥିଲେ, ମହାରାଷ୍ଟ୍ରରେ ରହୁଥିବା ଯେକୌଣସି ବ୍ୟକ୍ତିଙ୍କୁ ମରାଠି ଶିଖିବାକୁ ପଡ଼ିବ। କିନ୍ତୁ ମରାଠି ନାମରେ ହିଂସାକୁ ବରଦାସ୍ତ କରାଯିବ ନାହିଁ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ନାଗରିକମାନଙ୍କୁ ଏକ ଭିଡିଓ ବାର୍ତ୍ତା ଜାରି କରି ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟ ପ୍ରତିଷ୍ଠା ଦିବସକୁ କେବଳ ଉତ୍ସବ ପାଳନ ପାଇଁ ନୁହେଁ ବରଂ ଆତ୍ମବିଶ୍ୱାସ ପାଇଁ ମଧ୍ୟ ଏକ ଅବସର ବୋଲି ସେ କହିଛନ୍ତି।

## ପ୍ରେଜ୍-ଫାଉଣ୍ଡେସନ୍ ଡେ'

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ମହାରାଷ୍ଟ୍ର ପ୍ରତିଷ୍ଠା ଦିବସ ଅବସରରେ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି, ଛତ୍ରପତି ଶିବାଜୀ ମହାରାଜଙ୍କ ପବିତ୍ର ଭୂମି ଆମକୁ ଦେଶପ୍ରେମ, ସାହସ ଏବଂ ଆତ୍ମସମ୍ମାନ ସହିତ ବଞ୍ଚିବାକୁ ପ୍ରେରଣା ଦେଇଥାଏ। ମହାରାଷ୍ଟ୍ରରୁ ମହାତ୍ମା ଜ୍ୟୋତିବାଫୁଲେ, ସାବିତ୍ରୀ ବାଇ ଫୁଲେ, ଲୋକମାନ୍ୟ ବାଲ ଗଙ୍ଗାଦର ତିଲକ, ଗୋପାଳ କୃଷ୍ଣ ଗୋଖଲେ ଏବଂ ଡକ୍ଟର ବାବା ସାହେବ ଆମ୍ବେଦକରଙ୍କ ଭଳି ମହାନ୍ ବ୍ୟକ୍ତିମାନେ ସମାଜ ଏବଂ ଦେଶକୁ ନୂତନ ଦିଗ ଦେଖାଇଛନ୍ତି। ମହାରାଷ୍ଟ୍ରର ପରିଶ୍ରମୀ ଏବଂ ସଂକଳ୍ପବଦ୍ଧ ଜନତା ଦେଶର ବିକାଶ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖୁଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି।

ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇ ଉପରାଷ୍ଟ୍ରପତି କହିଛନ୍ତି, ମହାରାଷ୍ଟ୍ର' ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ସାମାଜିକ ସଂସ୍କାର ଏବଂ ଗତିଶୀଳ ପ୍ରଗତିର ପ୍ରତୀକ ଭାବେ ଉଭା ହୋଇଛି। ଶିଳ୍ପ, କଳା ଏବଂ

ଜନସେବାରେ ଭାରତର ଅଭିବୃଦ୍ଧିରେ ଏହାର ଅବଦାନ ଅତ୍ୟନ୍ତ ମୂଲ୍ୟବାନ ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ମହାରାଷ୍ଟ୍ରର ସାମାଜିକ ଜାଗରଣ, ସାଂସ୍କୃତିକ ସମୃଦ୍ଧି ଏବଂ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱରେ ଏକ ଦୀର୍ଘ ଇତିହାସ ରହିଛି । ସାହିତ୍ୟ, ଥିଏଟର  ଏବଂ ସିନେମାଠାରୁ ଆରମ୍ଭ କରି ଶିଳ୍ପ, ଶିକ୍ଷା, ବିଜ୍ଞାନ ଏବଂ ଜନସେବା ପର୍ଯ୍ୟନ୍ତ ଭାରତର ବିକାଶରେ ମହାରାଷ୍ଟ୍ରର ସ୍ଥାୟୀ ଯୋଗଦାନ ରହିଛି ।

## ଜିଏସ୍‌ଟି-କଲେକସନ୍

ଚଳିତ ଆର୍ଥିକ ବର୍ଷ ଏପ୍ରିଲ ମାସରେ ମୋଟ୍ ସାମଗ୍ରୀ ଓ ସେବା ଟିକସ– ଜି.ଏସ୍.ଟି ସଂଗ୍ରହ ରେକର୍ଡ ସୃଷ୍ଟି କରିଛି । ଏହା ୮ ଦଶମିକ ୭ ପ୍ରତିଶତ ବୃଦ୍ଧି ପାଇ ୨ ଲକ୍ଷ ୪୨ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି । ୨୦୨୫ ମସିହା ଏପ୍ରିଲ ମାସରେ ମୋଟ୍ ଜି.ଏସ୍.ଟି. ରାଜସ୍ୱ ୨ ଲକ୍ଷ ୨୩ ହଜାର କୋଟି ଟଙ୍କାରୁ ଅଧିକ ଥିଲା । ଗତ ଏପ୍ରିଲ ମାସରେ ମୋଟ୍ କେନ୍ଦ୍ରୀୟ ଜି.ଏସ୍.ଟି. ସଂଗ୍ରହ ୫୨ ହଜାର କୋଟି ଏବଂ ରାଜ୍ୟ ଜି.ଏସ୍.ଟି. ୬୧ ହଜାର ୩୦୦ କୋଟିରୁ ଅଧିକ ଥିଲା । ମୋଟ୍ ସମନ୍ୱିତ ଜି.ଏସ୍.ଟି.– ଆଇ.ଜି.ଏସ୍.ଟି. ସଂଗ୍ରହ ପରିମାଣ ୧ ଲକ୍ଷ ୨୯ ହଜାର ୨୩୨ କୋଟି ଟଙ୍କା ହୋଇଛି ।

## କୋଷ୍ଟାଲ ଟେଷ୍ଟବେଡ୍

ଭୂବିଜ୍ଞାନ ମନ୍ତ୍ରଣାଳୟ ସଚିବ ଏମ୍.ରବିଚନ୍ଦ୍ରନ ଆଜି ବିଶାଖାପାଟଣାସ୍ଥିତ ଆନ୍ଧ୍ର ବିଶ୍ୱବିଦ୍ୟାଳୟରେ କୋଷ୍ଟାଲ ଆଟମୋସ୍ଫେରିକ

ରିସର୍ଚ୍ଚ ଟେଷ୍ଟବେଡ୍– ସି.ଏ.ଆର୍.ଟି'କୁ ଉଦ୍‌ଘାଟନ କରିଛନ୍ତି। ମିଶନ ମୌସମ ଅଧୀନରେ ପୁଣେର  ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରପିକାଲ ମେଟେରୋଲୋଜି– ଆଇ.ଆଇ.ଟି.ଏମ୍. ସହଯୋଗରେ ମନ୍ତ୍ରଣାଳୟ ଦ୍ୱାରା ଉପକୂଳ ପାଣିପାଗ ପ୍ରଣାଳୀ, ବାୟୁମଣ୍ଡଳୀୟ ପରିବର୍ତ୍ତନ ଏବଂ ଜଳବାୟୁ ସମ୍ବନ୍ଧୀୟ ଅଧ୍ୟୟନ ଉପରେ ଗବେଷଣା ପାଇଁ ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି।

ସି– ଏ.ଆର.ଟି ହେଉଛି ଦେଶର ତୃତୀୟ ଏବଂ ପୂର୍ବ ଉପକୂଳରେ ପ୍ରଥମ ଗବେଷଣା କେନ୍ଦ୍ର। ପାଣିପାଗ ପର୍ଯ୍ୟବେକ୍ଷଣ ଏବଂ ବାୟୁମଣ୍ଡଳୀୟ ଅଧ୍ୟୟନ ପାଇଁ ଏହି କେନ୍ଦ୍ରରେ ଡପଲର ରାଡାର, ୱିଣ୍ଡ୍‌ଲିଡାର ଏବଂ ୱିଣ୍ଡ ପ୍ରୋଫାଇଲ୍‌ର ବ୍ୟବସ୍ଥା ସମେତ ଉନ୍ନତ ଉପକରଣ ସ୍ଥାପନ କରାଯାଇଛି।

# ଆଇପିଏଲ୍

ଆଇପିଏଲ୍‌ରେ ଆଜି ଜୟପୁରର ସାବାଇ ମାନସିଂହ ଷ୍ଟାଡିୟମ୍‌ଠାରେ ରାଜସ୍ଥାନ ରୟାଲ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ରାତି ସାଢ଼େ ୭ଟା ୩୦ ମିନିଟ୍ ସମୟରେ ଏହି ମ୍ୟାଚ୍ ଆରମ୍ଭ ହେବ।

ଗତକାଲି ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ' ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ୪ ୱିକେଟ୍‌ରେ ପରାସ୍ତ କରିଥିଲା।